# NATIONAL NEWS BULLETIN (ODIA)

**9 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଦେଶର ପ୍ରଧାନମନ୍ତ୍ରୀ ଭାବେ ଆଜି ସନ୍ଧ୍ୟାରେ ଶପଥ ଗ୍ରହଣ କରିବେ ଏନ୍‌ଡିଏ ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦୀ

– ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ବାସଭବନରେ 'ଚାଏ ପେ ଚର୍ଚ୍ଚା'ରେ ଯୋଗଦେଲେ ଦଳର ବରିଷ୍ଠ ନେତା

- କେନ୍ଦ୍ରରେ ନୂଆ ସରକାରଙ୍କ ଶପଥ ଗ୍ରହଣ ଦୃଷ୍ଟିରେ ରଖି ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

- ହମାସ ଦ୍ୱାରା ପଣବନ୍ଦୀ ଥିବା ୪ ଜଣଙ୍କୁ ମୁକ୍ତ କଲା ଇସ୍ରାଏଲ

- ତଥ୍ୟ ସମ୍ବଳିତ ଦସ୍ତାବିଜ ସୁରକ୍ଷିତ ରଖିବା ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ।

ଏବଂ

- ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍‌ରେ ଆଜି ଖେଳାଯିବ ୩ଟି ମ୍ୟାଚ୍‌; ରାତି ୮ଟାରେ ଭାରତ-ପାକିସ୍ତାନ ମୁକାବିଲା ।

# ପି.ଏମ୍. - ସ୍ୱିୟରିଂ ସେରିମନି

ରାଷ୍ଟ୍ରପତି ଭବନରେ ଆଜି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ମୋଦିଙ୍କ ସମେତ ମନ୍ତ୍ରୀ ପରିଷଦର ନୂତନ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ନୂଆ ସରକାର ଗଠନ ପାଇଁ ରାଷ୍ଟ୍ରପତି, ବରିଷ୍ଠ ବି.ଜେ.ପି. ନେତା ତଥା ଏନ୍.ଡି.ଏ. ସଂସଦୀୟ ଦଳର ମନୋନୀତ ନେତା ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରିଥିଲେ ।

ଗତ ଶୁକ୍ରବାର ଦିନ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କୁ ଭେଟି ନୂତନ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ । ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତ ନେତା ଭାବେ ମନୋନୀତ କରାଯାଇଥିବା ନେଇ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ସେସେଲ୍‌ସର ଉପରାଷ୍ଟ୍ରପତି ଅହମ୍ମଦ ଆଫିଫ, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ ମଧ୍ୟ ଯୋଗଦେବେ । ଇତିମଧ୍ୟରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଏବଂ ସେସେଲ୍‌ସ୍‌ର ଉପରାଷ୍ଟ୍ରପତି

ନୂଆଦିଲ୍ଲୀରେ ଆସି ପହଞ୍ଚି ସାରିଛନ୍ତି । ପରେ ପରେ ମାଲଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ଏବଂ ଭୂଟାନ ପ୍ରଧନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ଏହି ଶପଥ ଗ୍ରହଣ ସମାରୋହ ନିମନ୍ତେ ନୂଆଦିଲ୍ଲୀରେ ଆସି ପହଁଞ୍ଚିଛନ୍ତି।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଏହି ନେତାଙ୍କ ଆଗମନ 'ପଡ଼ୋଶୀ ପ୍ରଥମେ ନୀତି' ଏବଂ 'ସମସ୍ତଙ୍କ ପାଇଁ ସୁରକ୍ଷା ଓ ଅଭିବୃଦ୍ଧି'କୁ ଭାରତ ପ୍ରାଥମିକତା ଦେଇଆସୁଥିବା ଏହାର ପ୍ରମାଣ । ଶପଥ ଗ୍ରହଣ ଉତ୍ସବ ଏବଂ ପଡ଼ୋଶୀ ରାଷ୍ଟ୍ର ମୁଖ୍ୟମାନଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଜି ଏବଂ ଆସନ୍ତାକାଲି ଦୁଇଦିନ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିବ ବୋଲି ସୁରକ୍ଷା ସଂସ୍ଥାର ସୂତ୍ରକୁ ଆଧାର କରି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ପିଏମ୍-ରାଜଘାଟ

ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଥିବା ନରେନ୍ଦ୍ର ମୋଦୀ ଶପଥ ଗ୍ରହଣ ପୂର୍ବରୁ ନୂଆଦିଲ୍ଲୀସ୍ଥିତ ରାଜଘାଟଠାରେ ମହାତ୍ମା ଗାନ୍ଧୀ ଓ ସଦୈବ ଅଟଳରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହାଛଡ଼ା ଶ୍ରୀ ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ପିଏମ୍- ଟି ପାର୍ଟି

ମନୋନୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶପଥ ଗ୍ରହଣ ପୂର୍ବରୁ ତାଙ୍କ ଦିଲ୍ଲୀସ୍ଥିତ ନିବାସରେ 'ଚାଏ ପେ' ଚର୍ଚ୍ଚା' କାର୍ଯ୍ୟକ୍ରମ କରିଥିଲେ। ଏଥିରେ ବିଜେପିର ବରିଷ୍ଠ ନେତା ଅମିତ ଶାହା, ଜେ.ପି.ନଡ୍ଡା, ଡକ୍ଟର ଏସ୍.ଜୟଶଙ୍କର, ନିର୍ମଳା ସୀତାରମଣ, ନୀତିନ ଗଡ଼କରୀ, ଧର୍ମେନ୍ଦ୍ର ପ୍ରଧାନ, ପୀୟୁଷ ଗୋଏଲ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କିରେନ ରିଜିଜୁ ଯୋଗ ଦେଇଥିଲେ। ଲୋକ ଜନଶକ୍ତି ପାର୍ଟି ରାମବିଲାସ ଦଳର ମୁଖ୍ୟ ଚିରାଗ ପାଶୱାନ ମଧ୍ୟ ଏଥିରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଁଞ୍ଚିଥିଲେ।

## ଟ୍ରାଫିକ୍-ଆଡ୍‌ଭାଇଜରୀ

ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟଙ୍କ ଆଜି ଶପଥ ଗ୍ରହଣ ସମାରୋହକୁ ଦୃଷ୍ଟିରେ ରଖି ଦିଲ୍ଲୀ ଟ୍ରାଫିକ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସଂସଦ ଭବନ ଆଡ଼କୁ ଯାଉଥିବା ବିଭିନ୍ନ ଗମନାଗମନ ପଥ ରଫି ଅହମ୍ମଦ କିଦ୍ୱାଇ ମାର୍ଗ, ନର୍ଥ ଆଭେନ୍ୟୁ ରୋଡ୍, ସାଉଥ୍ ଆଭେନ୍ୟୁ ରୋଡ୍, ରାଜାଜୀ ମାର୍ଗ, କ୍ରିଷ୍ଣା ମେନନ୍ ମାର୍ଗ, ତାଲକୋଟରା ରୋଡ୍ ଏବଂ ପଣ୍ଡିତ ପନ୍ତ ମାର୍ଗ ଆଜି ଅପରାହ୍ନ ୨ଟାରୁ ରାତି ୧୧ଟା ଯାଏଁ ବନ୍ଦ ରହିବ। ଦିଲ୍ଲୀ ଟ୍ରାଫିକ ପୁଲିସ୍ ପକ୍ଷରୁ ଜାରି ପରାମର୍ଶବଳୀରେ ଇନ୍ତିଆଜ୍ ଖାଁ ମାର୍ଗ, ରକବ୍ ଗଞ୍ଜ ରୋଡ୍ ସମେତ ରାଷ୍ଟ୍ରପତି ଭବନକୁ ଥିବା ଦିଲ୍ଲୀ ପରିବହନ ନିଗମର ସମସ୍ତ ବସ୍ ସେବାକୁ ବନ୍ଦ ରଖାଯାଇଛି। ନିୟମକୁ ଉଲ୍ଲଙ୍ଘନ କରି କୌଣସି ଗାଡ଼ି ଏହି ରାସ୍ତାରେ ରହଣି କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ

ଦିଆଯାଇଛି । ଏହି ସବୁ ରାସ୍ତା ଦେଇ ସାଧାରଣ ଜନତାଙ୍କୁ ଯାତାୟତ ନ କରିବାକୁ ପରାମର୍ଶ ଦିଆଯାଇଛି । ଏହାଛଡ଼ା ଯାତ୍ରୀମାନଙ୍କର ସୁବିଧା ଦୃଷ୍ଟିରୁ ଯେଉଁମାନେ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେସନ୍ ଓ ବିମାନ ବନ୍ଦରକୁ ଯିବାକୁ ଚାହୁଁଥିବେ ସେମାନଙ୍କୁ ସମୟ ପୂର୍ବରୁ ଯାତ୍ରା ଆରମ୍ଭ ଲାଗି କୁହାଯାଇଛି ।

## ଗାଜା-ହୋଷ୍ଟେଜ୍ ରିକଭର୍ଡ

ଇସ୍ରାଏଲ୍' ହମାସ୍ ଦ୍ୱାରା ପଣବନ୍ଦୀ ଥିବା ୪ ଜଣଙ୍କୁ ଉଦ୍ଧାର କରିଛି । ଗାଜାର ନୁସେରାତରେ ଏକ ଅଭିଯାନ ସମୟରେ ଏହି ୪ ଜଣଙ୍କୁ ପଣବନ୍ଦୀ ରଖାଯାଇଥିଲା । ଆତଙ୍କବାଦୀ ସଂଗଠନ ଗତବର୍ଷ ଅକ୍ଟୋବର ୭ରେ ଏକ ପର୍ବ ସମୟରେ ସେମାନଙ୍କୁ ଅପହରଣ କରିନେଇଥିଲେ । ଇସ୍ରାଏଲ ପକ୍ଷରୁ ଏକ ଜଟିଳ ଅଭିଯାନ ପ୍ରକ୍ରିୟାରେ ସେମାନଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ଦିଆଯାଇଛି । ପଣବନ୍ଦୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା କୁହାଯାଇଛି ।

## ଡବ୍ଲ୍ୟୁବି-ଆରେଷ୍ଟ

ବାଂଲାଦେଶ ଆୱାମୀ ଲିଗ୍ ରାଜନୈତିକ ଦଳର ସାଂସଦ ଅନ୍‌ୱାରୁଲ୍ ଅଜିମ୍ ଅନୱରଙ୍କ ହତ୍ୟା ମାମଲାରେ ପଶ୍ଚିମବଙ୍ଗ ପୁଲିସ ଆଉ ଜଣେ ପ୍ରମୁଖ ଅଭିଯୁକ୍ତକୁ ଗିରଫ କରିଛି । ଗତମାସରେ ସମ୍ପୃକ୍ତ ସାଂସଦ ଜଣଙ୍କର ମୃତଦେହ ପଶ୍ଚିମବଙ୍ଗର ଏକ ହୋଟେଲରୁ ମିଳିଥିଲା । ପୁଲିସ ଗିରଫ କରିଥିବା ଅଭିଯୁକ୍ତ ଜଣକ ହେଉଛି ସିଆମ ହୁସେନ୍ ଓ ସେ ବାଂଲାଦେଶର ଭୋଲା ଜିଲ୍ଲାର ଅଧିବାସୀ । ସାଂସଦଙ୍କ ହତ୍ୟା ପରେ ହୁସେନ ନେପାଳ ପଳାୟନ କରିଥିବା ଜଣାପଡ଼ିଥିଲା । ଏହି ଘଟଣାରେ ପୁଲିସ୍ ଦକ୍ଷିଣ ଚବିଶ

ପ୍ରଗଣା ଜିଲ୍ଲାର ଭାରତ-ବାଂଲାଦେଶ ସୀମା ନିକଟରେ ଅଭିଯୁକ୍ତ ରହିଥିବା ଠାବ କରିଥିଲା। ପୂର୍ବରୁ ଏହି ହତ୍ୟା ଘଟଣାରେ ଜିହାଦ୍ ହାଲଦାର ନାମକ ଜଣେ ବ୍ୟକ୍ତିକୁ ପୁଲିସ ଗିରଫ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଖ୍ତରୁ ଜମନ୍ ସାହିନ୍ ଏ ପର୍ଯ୍ୟନ୍ତ ଧରାପଡ଼ିନାହାଁନ୍ତି। ତାକୁ ଧରିବା ପାଇଁ ପୁଲିସ ଇଣ୍ଟରପୋଲର ସହାୟତା ନେଇଥିବା ଜଣାପଡ଼ିଛି।

## ପାକ୍-ଇଦ୍ଦତ୍ କେସ୍

ଇଦ୍ଦତ୍ ମାମଲାରେ ଦଣ୍ଡାଦେଶ କୋହଳ କରିବା ଲାଗି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କ ପତ୍ନୀ ବୁସ୍ରା ବିବି ଇସଲାମାବାଦ ହାଇକୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାରେ କୋର୍ଟ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶ ଯଥାର୍ଥ ନୁହେଁ ବୋଲି ସେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ଗତବର୍ଷ ଫେବୃଆରୀରେ ଉଭୟ ଇମ୍ରାନ ଖାନ୍ ଏବଂ ବୁଶ୍ରା ବିବିଙ୍କୁ ଏକ ଟ୍ରାଏଲ କୋର୍ଟ ୭ ବର୍ଷ ଲେଖାଏଁ ଦଣ୍ଡାଦେଶ ଦେଇଥିଲେ। ବୁଶ୍ରା ବିବିଙ୍କ ପୂର୍ବତନ ସ୍ୱାମୀ ବୁଶ୍ରା ବିବିଙ୍କ ପରବର୍ତ୍ତୀ ବିବାହକୁ ବେନିୟମ ଦର୍ଶାଇ କୋର୍ଟରେ ମାମଲା ରୁଜୁ କରିଥିଲେ।

## ସିକ୍କିମ-ସ୍ୱେରିଙ୍ଗ୍

ସିକ୍କିମ୍ର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଆସନ୍ତାକାଲି ଅପରାହ୍ଣ ୪ଟାରେ ଗ୍ୟାଙ୍ଗଟକ୍ର ପାଲ୍ଜୋର ଷ୍ଟାଡିୟମ୍ରେ ଶପଥ ଗ୍ରହଣ କରିବେ। ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚାର ମୁଖ୍ୟ ଶ୍ରୀ ତମାଙ୍ଗ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଆସନ୍ତାକାଲି ଏହି ଶପଥ ଗ୍ରହଣ

ସମାରୋହ ଉପଲକ୍ଷେ ଗ୍ୟାଙ୍ଗଟକ୍ ମ୍ୟୁନିସ୍‌ପାଲ କର୍ପୋରେସନ ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିବ। ସୂଚନାଯୋଗ୍ୟ, ଶ୍ରୀ ତମାଙ୍ଗଙ୍କ ନେତୃତ୍ୱାଧୀନ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ସିକ୍କିମ ବିଧାନସଭାର ମୋଟ୍ ୩୨ଟି ଆସନ ମଧ୍ୟରୁ ୩୧ଟି ଆସନରେ ବିଜୟ ଲାଭ କରିଛି। ସିକ୍କିମ ଡେମୋକ୍ରାଟିକ ଫ୍ରଣ୍ଟ ଦଳ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ଏହି ଦଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସଭାପତି ପବନ ଚାମଲିଙ୍ଗ୍ ଦୁଇଟି ଆସନ ଲଢ଼ି ଉଭୟ ଜାଗାରେ ପରାସ୍ତ ହୋଇଛନ୍ତି।

## ଛତିଶଗଡ଼ - ନକ୍ସଲ୍ ଆଟାକ୍

ଛତିଶଗଡ଼ର ବସ୍ତର ଜିଲ୍ଲାରେ ଗତକାଲି ସୁରକ୍ଷା କର୍ମୀ ସହ ଗୁଳିବିନିମୟରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପିପୁଲ୍‌ସ ଲିବରେସନ୍ ଗରିଲା ଆର୍ମି - ପି.ଜି.ଏଲ୍.ଏ.ର ଜଣେ କମିଟି ମେମ୍ବର, ଜଣେ ଡେପୁଟି କମାଣ୍ଡର, ୨ ଜଣ ସଦସ୍ୟ ଏବଂ ବାୟାନାର୍ ଅଞ୍ଚଳର କମିଟି ସଦସ୍ୟ ଅନ୍ତର୍ଭୁକ୍ତ । ଏହି ମିଳିତ ଆନ୍ତଃଜିଲ୍ଲା ମାଓବାଦୀ ଦମନ ଅଭିଯାନ ପୂର୍ବ ବସ୍ତର ଡିଭିଜନ୍‌ର ଅନ୍ଦାଇ ଆଞ୍ଚଳିକ କମିଟିଦ୍ୱାରା କରାଯାଇଥିଲା । ଏହି ଅଭିଯାନ ନାରାୟଣପୁର, କୋଣ୍ଡାଗାଁ, ଦାନ୍ତେୱାଡ଼ା ଓ ବସ୍ତର ଜିଲ୍ଲାର ରିଜର୍ଭ ଗାର୍ଡ଼, ଭାରତ-ତିବତ ସୀମା ସୁରକ୍ଷା ବାହିନୀ ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ମିଳିତ ସହଯୋଗରେ କରାଯାଇଥିଲା ।

# ଅନ୍ତଃରାଷ୍ଟ୍ରୀୟ ଅଭିଲେଖ ଦିବସ

ତଥ୍ୟ ସମ୍ବଳିତ ଦସ୍ତାବିଜ ଏବଂ କାଗଜପତ୍ର ଗୁଡ଼ିକୁ ଦୀର୍ଘ ସମୟ ଧରି ସୁରକ୍ଷିତ ରଖିବାରେ ମହତ୍ତ୍ୱ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ପାଳିତ ହେଉଛି। ୨୦୦୪ରେ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀରେ ଅନେକ ଲୋକ ଭାଗ ନେଇଥିଲେ। ଏହି ସମ୍ମିଳନୀରେ ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ପାଳନ ଲାଗି ଶପଥ ନିଆଯାଇଥିଲା। ୨୦୦୭ ଜୁନ୍ ୯ ତାରିଖରେ ପ୍ରଥମ ଅଭିଲେଖାଗାର ଦିବସ ପାଳନ କରାଯାଇଥିଲା।

# ଟି-ଟ୍ୱେଣ୍ଟି ୱାର୍ଲ୍ଡ କପ୍ କ୍ରିକେଟ୍

ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍‌ରେ ଆଜି ୩ଟି ମ୍ୟାଚ୍ ଖେଳାଯାଉଛି। ଭାରତୀୟ ସମୟ ରାତି ୮ଟାରେ ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ସେହିଭଳି ଭାରତୀୟ ସମୟ ରାତି ସାଢ଼େ ୧୦ଟାରେ ଆଣ୍ଟିଗୁଆଠାରେ ଓମାନ ଏବଂ ସ୍କଟଲ୍ୟାଣ୍ଡ୍ ପରସ୍ପରକୁ ଭେଟିବେ ।

ଆଜି ଗାଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ୱେଷ୍ଟ ଇଣ୍ଡିଜ୍' ଉଗାଣ୍ଡାକୁ ୧୩୪ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୭୩ ରନ୍ ସ୍କୋର କରିଥିଲା। ଏହାର ଜବାବରେ ଉଗାଣ୍ଡା ୧୨ ଓଭରରେ ସମସ୍ତ ୱିକେଟ୍ ହରାଇ ୩୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଏହି ଶୃଙ୍ଖଳାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଇଂଲଣ୍ଡକୁ ୩୬ ରନ୍‌ରେ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ନେଦରଲାଣ୍ଡସକୁ ୪ ୱିକେଟ୍‌ରେ ପରାସ୍ତ କରିଛି ।